GAD-SC-RAS-0033-2024 29108 /Gen

**GOVERNMENT OF ODISHA**

**GENERAL ADMINISTRATION & PUBLIC GRIEVANCE DEPARTMENT**

*****

## NOTIFICATION

Bhubaneswar Dated the 1st Oct., 2024

In exercise of the powers conferred by the proviso to Article 309 of the Constitution of India, the Governor of Odisha is pleased to make the following rules further to amend the Odisha Civil Services (Rehabilitation Assistance) Rules, 2020, namely:-

1. Short title and commencement :— (1) These rules may be called the Odisha Civil Services (Rehabilitation Assistance) Amendment Rules, 2024.

(2) They shall come into force on the date of their publication in the *Odisha Gazette*.

2. In the Odisha Civil Services (Rehabilitation Assistance) Rules, 2020 (herein-after referred to as the "said rules"), in rule 2, in sub-rule (1), in clause (d), for sub-clause (iii), the following sub-clause shall be substituted, namely :—

"(iii) daughters and step daughters."

3. In the said rules, in rule 4, after the second proviso, the following proviso shall be inserted, namely :—

"Provided also that daughters or step daughters of the deceased Government employee, irrespective of her marriage, can be considered for appointment under these rules subject to the conditions that her "dependency" on her parents is proved and she fulfils other conditions as prescribed in these rules."

By order of the Governor

01/10/24

Additional Chief Secretary to Government

Memo No. 29109 /Gen., Bhubaneswar Dated the 1st Oct., 2024

Copy forwarded to the Odisha Gazette Cell in-charge, Odisha Gazette Cell, C/o. Commerce Department for information with a request to publish the Notification in the extraordinary issue of the Odisha Gazette and supply 200 copies of the same to this Department for official use.

01/10/2024

Additional Secretary to Government

Memo No. 29110 /Gen., Bhubaneswar Dated the 1st Oct., 2024

Copy forwarded to all Departments of Government/ all Heads of Departments/ all RDCs. / all Collectors/ The Registrar, Orissa High Court, Cuttack/ Odisha Public Service Commission, Cuttack/ Odisha Staff Selection Commission, Bhubaneswar/ Odisha Sub-Ordinate Staff Selection Commission, Bhubaneswar for information and necessary action.

The Director, Odisha Bhasa Pratisthan, Sanskruti Bhawan, State Museum Campus, Bhubaneswar-14 is requested to take action w.r.t. this Department Memo No.30208/Gen., dated 24.10.2019.

Additional Secretary to Government

Memo No. 29111 /Gen., Bhubaneswar Dated the 1st Oct., 2024

Copy forwarded to all sections of G.A. & P.G. Department/ G.A. & P.G. Department Library (20 copies)/ Guard file (S.C. Branch) (20 copies) for information and necessary action.

Additional Secretary to Government

Memo No. 29112 /Gen., Bhubaneswar Dated the 1st Oct., 2024

Copy forwarded to A.R. Cell, G.A. & P.G. Department with a request to hoist this Notification in the website of G.A. & P.G. Department.

Additional Secretary to Government

ସଂଖ୍ୟା ୨୯୧୦୮ /ସା.ପ୍ର.
GAD-SC-RAS-0033-2024

# ଓଡିଶା ସରକାର

## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

*****

## ଅଧିସୂଚନା

ଭୁବନେଶ୍ୱର ତାରିଖ ୦୧.୧୦. 2024।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 309 ର ପରନ୍ତୁକ ଦ୍ୱାରା ଅର୍ପିତ କ୍ଷମତା ପ୍ରୟୋଗ କରି ଓଡ଼ିଶାର ରାଜ୍ୟପାଳ ଓଡିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦ ରେ ସଂଶୋଧନ ପାଇଁ ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଛନ୍ତି, ଯଥା -

1. (1) ସଂକ୍ଷିପ୍ତ ଶୀର୍ଷକ ଏବଂ ପ୍ରାରମ୍ଭ — ଏହି ନିୟମାବଳୀ, ଓଡିଶା ବେସାମରିକ ସେବା (ପୁନର୍ବାସ ସହାୟତା) ସଂଶୋଧନ ନିୟମାବଳୀ, 2024 ନାମରେ ଅଭିହିତ ହେବ ।

(2) ଓଡ଼ିଶା ଗେଜେଟରେ ପ୍ରକାଶିତ ହେବା ତାରିଖଠାରୁ ଏହା ବଳବତ୍ତର ହେବ।

2. ଓଡିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, 2020 (ଏହାପରେ ଉକ୍ତ ନିୟମାବଳୀ ଭାବରେ ସୂଚିତ) ନିୟମ 2 ର ଉପ-ନିୟମ (1) ଅନ୍ତର୍ଗତ ଖଣ୍ଡ (ଘ) ର ଉପଖଣ୍ଡ (iii) ବଦଳରେ ନିମ୍ନଲିଖିତ ଉପଖଣ୍ଡ ପ୍ରତିସ୍ଥାପିତ ହେବ, ଯଥା,—

"(iii) ଝିଅ ଏବଂ ସାବତ ଝିଅ । "

3. ଉକ୍ତ ନିୟମାବଳୀର ନିୟମ 4 ରେ ଥିବା ଦ୍ୱିତୀୟ ପରନ୍ତୁକ ପରେ ନିମ୍ନଲିଖିତ ପରନ୍ତୁକ ଅନ୍ତଃସ୍ଥାପିତ ହେବ, ଯଥା,—

"ଅଧିକନ୍ତୁ ମୃତ ସରକାରୀ କର୍ମଚାରୀଙ୍କ ଝିଅ ବା ସାବତ ଝିଅ, ତାଙ୍କ ବିବାହ ନିର୍ବିଶେଷରେ, ପୁନର୍ବାସ ସହାୟତା ଯୋଜନା ଅଧୀନରେ ନିଯୁକ୍ତି ପାଇଁ ବିଚାର କରାଯାଇପାରିବ, ଯଦି ତାଙ୍କ ପିତାମାତାଙ୍କ ଉପରେ ତାଙ୍କର "ନିର୍ଭରଶୀଳତା" ପ୍ରମାଣିତ ହେଉଥିବ ଏବଂ ସେ ଏହି ନିୟମରେ ନିର୍ଦ୍ଧାରିତ ଅନ୍ୟ ସର୍ତ୍ତଗୁଡିକ ପୂରଣ କରୁଥିବେ । "

ରାଜ୍ୟପାଳଙ୍କ ଆଦେଶ କ୍ରମେ

1/10/24

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଜ୍ଞାପକ ସଂ- ୨୯୧୦୯ / ସା.ପ୍ର, ତା- ୦୧.୧୦.୨୦୨୪

ଏହାର ଏକକିତା ନକଲ ଓଡିଶା ଗେଜେଟ୍ ସେଲ୍ ଭାରପ୍ରାପ୍ତ ଅଧିକାରୀ, ଓଡିଶା ଗେଜେଟ୍ ସେଲ୍, ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗଙ୍କୁ ଅବଗତି ଓ ଓଡିଶା ଗେଜେଟର ଅସାଧାରଣ ନିର୍ଗମନରେ ଏହି ଅଧିସୂଚନା ପ୍ରକାଶ କରିବା ସହିତ ସରକାରୀ ବ୍ୟବହାର ପାଇଁ ଏହି ବିଭାଗକୁ 200 ନକଲ ଯୋଗାଇଦେବା ନିମିତ୍ତ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- ୨୯୧୧୦ / ସା.ପ୍ର, ତା- ୦୧.୧୦.୨୦୨୪

ଏହାର ଏକକିତା ନକଲ ସମସ୍ତ ବିଭାଗ/ ସମସ୍ତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ/ ସମସ୍ତ ରାଜସ୍ୱ ଡିଭିଜନାଲ ଆୟୁକ୍ତ/ ସମସ୍ତ ଜିଲ୍ଲାପାଳ/ ରେଜିଷ୍ଟ୍ରାର, ଓଡ଼ିଶା ଉଚ୍ଚ ନ୍ୟାୟଳୟ, କଟକ/ ଓଡିଶା ଲୋକ ସେବା ଆୟୋଗ, କଟକ/ ଓଡିଶା କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱର/ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱରଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- ୨୯୧୧୧ / ସା.ପ୍ର, ତା- ୦୧.୧୦.୨୦୨୪

ଏହାର ଏକକିତା ନକଲ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସମସ୍ତ ଉପବିଭାଗ/ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗର ଲାଇବ୍ରେରୀ (20 ନକଲ)/ ଗାର୍ଡ ଫାଇଲ (ସାଧାରଣ ଅଭିଯୋଗ ଉପବିଭାଗ) (20 ନକଲ) ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- ୨୯୧୧୨ / ସା.ପ୍ର, ତା- ୦୧.୧୦.୨୦୨୪

ଏହାର ଏକକିତା ନକଲ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଶାସନିକ ସଂସ୍କାର ଉପବିଭାଗକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୱେବସାଇଟ ରେ ଉପଲବ୍ଧ କରାଇବା ପାଇଁ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ